## ଅପହୃତା ନାବାଳିକା ଉଦ୍ଧାର

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଆଦର୍ଶଥାନା ଅଞ୍ଚଳରେ ଗତ ୧୯ ତାରିଖରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତା ନାବାଳିକାଙ୍କୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ଏଥିସହ ଅଭିଯୁକ୍ତ ନାବାଳକଙ୍କୁ ପୋଲିସ ନେଇ ଜଗତସିଂହପୁର ଜିଲା କୋର୍ଟରେ ହାଜର କରାଇବା ପରେ ସ୍ୱଧାର ଗୃହକୁ ପଠାଇ ଦିଆଯାଇଛି। ଏ ନେଇ ଥାନାରେ ମାମଲା (ନଂ.୧୪୪/୨୧) ରୁଜୁ ହୋଇଛି। ସମ୍ପୃକ୍ତ ନାବାଳିକାଙ୍କୁ ଅପହରଣ କରି ବଳପୂର୍ବକ ବଳାତ୍କାର କରାଯାଇଥିଲା ବୋଲି ନାବାଳିକାଙ୍କ ଭାଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କ ଡାକ୍ତରୀମାଇନା କରାଇଛି।

## ସଂକ୍ଷେପରେ

### ହାତ ଗୋଡ଼ ବନ୍ଧା ମୃତଦେହ ଜବତ: ହତ୍ୟା ସନ୍ଦେହ

**ଯାଜପୁର ଟାଉନ,୨୨।୭(ଡି.ଏନ.ଏ.):** ଯାଜପୁର ଟାଉନ ଥାନା ଅଧୀନ ସିଦ୍ଧେଶ୍ୱର ଘାଟର ବୈତରଣୀ ନଦୀ ପଠାରୁ ହାତଗୋଡ଼ ବନ୍ଧା ହୋଇଥିବା ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଜବତ କରାଯାଇଛି। ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି। ସମ୍ପୃକ୍ତ ଯୁବକଙ୍କୁ କେହି ହତ୍ୟା କରିବା ପରେ ନଦୀରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି।

### ନବଜାତ ଶିଶୁପୁତ୍ରର ମୃତଦେହ ଜବତ

**କଳିଙ୍ଗନଗର,୨୨।୭(ଡି.ଏନ.ଏ.):** କଳିଙ୍ଗନଗର ଥାନା ଅଧୀନ ଶଗଡ଼ଗୁଳା ନିକଟ ରାସ୍ତା କଡ଼ରୁ ଗୁରୁବାର ଏକ ନବଜାତ ଶିଶୁପୁତ୍ରର ମୃତଦେହ ଜବତ କରାଯାଇଛି। ମୃତଦେହ ପଡ଼ିଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୨୧) ରୁଜୁ ହୋଇଛି।

### ବଚସାରୁ ଘରପୋଡ଼ି ଅଭିଯୋଗ

**ବରୀ,୨୨।୭(ଡି.ଏନ.ଏ.):** ବରୀ ରାମଚନ୍ଦ୍ରପୁର ଥାନା ଗୋଲକୁଣ୍ଡ ପଞ୍ଚାୟତର ସତ୍ୟଭାମା ମଲ୍ଲିକଙ୍କ ଘରକୁ ସଂଯୋଗୀକରଣ ପାଇଁ ଢଳେଇ ରାସ୍ତା କରାଯାଇଥିଲା। ମାତ୍ର ସେହି ଗ୍ରାମର ସ୍ୱର୍ଣ୍ଣପ୍ରଭା ମଲ୍ଲିକଙ୍କ ପରିବାର ଉକ୍ତ ରାସ୍ତା ସେମାନଙ୍କ ବ୍ୟକ୍ତିଗତ ଜମି ଉପରେ କରାଯାଇଛି ବୋଲି ଦର୍ଶାଇ ରାସ୍ତାକୁ ଖୋଳି ଦେଇଥିଲେ। ଉକ୍ତ ଘଟଣା ନେଇ ଉଭୟ ପରିବାର ମଧ୍ୟରେ ବଚସା ହୋଇଥିଲା। ସ୍ୱର୍ଣ୍ଣପ୍ରଭାଙ୍କ ପରିବାର ସତ୍ୟଭାମାଙ୍କ ଘରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିବା ସତ୍ୟଭାମା ଅଭିଯୋଗ କରିଛନ୍ତି। ପୋଲିସ ୪ଜଣଙ୍କୁ ଅଟକ ରଖି ପଚରା ଉଚରା ଜାରି ରଖିଛି। ଥାନା ଅଧିକାରୀ ଅଜୟ ଜେନା କହିଛନ୍ତି, ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଆରୁହା ପାହାଡ଼ରେ ଲୋକାୟୁକ୍ତଙ୍କ ଟିମ୍‌ର ତଦନ୍ତ

**ଧର୍ମଶାଳା,୨୨।୭(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ଆରୁହା କଳାପଥର ପାହାଡ଼ରେ ଗୁରୁବାର ଲୋକାୟୁକ୍ତଙ୍କ ଏକ ଟିମ ପହଞ୍ଚି ସରଜମିନ ତଦନ୍ତ କରିଛି। ଉକ୍ତ ପାହାଡ଼ରେ ଥିବା ୪ କଳାପଥର ଖାଦାନରେ ବେଆଇନଭାବେ ମାଫିଆ ଲୁଟ କରୁଥିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ଲୋକାୟୁକ୍ତଙ୍କ ଏକ ଟିମ ପୂର୍ବାହ୍ନରେ ଆସି ଧର୍ମଶାଳା ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଓ ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ସହିତ ଆରୁହା ପାହାଡ଼କୁ ଯାଇ ତଦନ୍ତ କରିଛନ୍ତି। ପରେ ସେମାନେ ସ୍ଥାନୀୟ ବାସିନ୍ଦା ଓ ତହସିଲ କର୍ମଚାରୀଙ୍କ ସହିତ ଆଲୋଚନା କରି ଫେରିଥିବା ଜଣାଯାଇଛି।

# ବିଦ୍ୟୁତ୍ ତାର ଲଗାଇ ଯୁବକଙ୍କୁ ହତ୍ୟା

**ଡେରାବିଶ,୨୨।୭(ସ୍ୱ.ପ୍ର.)**


ରାସ୍ତାରୋକୋ କରିଥିବା ଲୋକଙ୍କ ସହ ପୋଲିସ, ତହସିଲଦାର ଆଲୋଚନା କରୁଛନ୍ତି।

- ମଦ ଦୋକାନକୁ ବିରୋଧ କରୁଥିଲେ
- ଦୋକାନ ମାଲିକ, ମ୍ୟାନେଜର ହତ୍ୟାରେ ସମ୍ପୃକ୍ତ: ସ୍ତ୍ରୀ

ବିଦ୍ୟୁତ୍ ତାର ଲାଗି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ହେଲେ ସ୍ୱାମୀଙ୍କୁ ପୂର୍ବ ଯୋଜନା ଅନୁଯାୟୀ ବିଦ୍ୟୁତ୍ ତାର ଲଗାଇ ହତ୍ୟା କରାଯାଇଛି ବୋଲି ମୃତ ଭ୍ରମରବର ରାଉତଙ୍କ ସ୍ତ୍ରୀ ମମତା ଗୁରୁବାର କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଭାଗବତପୁର ପଞ୍ଚାୟତ ଶ୍ୟାମସୁନ୍ଦରପୁର (ମେଳକସାହି) ଗାଁର ଭ୍ରମରବର(୪୦)ଙ୍କ ସ୍ତ୍ରୀ ମମତା କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ସ୍ଥାନୀୟ ବାଲିଆ ନିକଟରେ ଖୋଲାଯାଇଥିବା ସରକାରୀ ମଦ ଦୋକାନକୁ ଉଚ୍ଛେଦ ପାଇଁ ଦାବି କରି ଆସୁଥିଲେ। ମଦ ଦୋକାନ ପାଇଁ ସେହି ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ ବୋଲି ଦର୍ଶାଇ ସେ ବିରୋଧ କରୁଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣା ପରେ ମଦ ଦୋକାନ ମାଲିକ ଓ ଭ୍ରମରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ବୁଧବାର ରାତି ୧୧ଟାରେ ମଦ ଦୋକାନ ମ୍ୟାନେଜର ମହେଶ ନାୟକ ତାଙ୍କ ସ୍ୱାମୀଙ୍କୁ ଘରୁ ଡାକି ନେଇଥିଲେ। ହେଲେ ଆଉ ସେ ଫେରି ନ ଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଗୁରୁବାର ସକାଳେ ମଦ ଦୋକାନ ନିକଟସ୍ଥ ଏକ ବିଲରେ ତାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ମଦ ଦୋକାନ ମାଲିକ ପ୍ରକାଶ କର, ମ୍ୟାନେଜର ମହେଶ ତାଙ୍କ ସ୍ୱାମୀଙ୍କୁ ବିଦ୍ୟୁତ୍ ତାର ଲଗାଇ ହତ୍ୟା କରିଥିବା ଅଭିଯୋଗପତ୍ରରେ ମମତା ଉଲ୍ଲେଖ କରିଛନ୍ତି।

ଏ ସଂକ୍ରାନ୍ତରେ ଜଣାପଡିବା ପରେ ଗୁରୁବାର ସ୍ଥାନୀୟ ଲୋକେ କଟକ-ଚାନ୍ଦବାଲି ରାସ୍ତାର ଚଣ୍ଡିବଜାର ଛକ ନିକଟରେ ରାସ୍ତାରୋକୋ କରିଥିଲେ। ଅଭିଯୁକ୍ତମାନଙ୍କୁ ଗିରଫ ଦାବି ସହ ଭ୍ରମରଙ୍କ ପରିବାରକୁ ନ୍ୟାୟ ମିଳୁ। କ୍ଷତିପୂରଣ ବାବଦରେ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଉ ବୋଲି ଆନ୍ଦୋଳନକାରୀମାନେ ଦାବି କରିଥିଲେ। ଖବର ପାଇ କେନ୍ଦ୍ରାପଡ଼ା ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା ଓ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ କେନ୍ଦ୍ରାପଡ଼ା ତହସିଲଦାର ହେମଲତା ବାହାଲିଆ ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏଥିସହ ଅନ୍ୟ ଦାବି ବିଷୟରେ ଜିଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ମଧ୍ୟାହ୍ନରେ ରାସ୍ତାରୋକୋ ହଟିଥିଲା।

ମମତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଭାରତୀୟ ଦଣ୍ଡବିଧି ଆଇନର ଦଫା ୩୦୨, ୩୪ରେ ଏକ ମାମଲା(ନଂ. ୪୧୦/୨୧) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ଭ୍ରମରଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ ଭାଗବତ ମାହାଲି ସୂଚନା ଦେଇଛନ୍ତି।

# ପେଗାସସ୍ ସଂସ୍ଥା ମୁଖ୍ୟଙ୍କୁ ଗିରଫ ଦାବି



ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଓ ସିଆଇଟିୟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ଯାଜପୁର ରୋଡ,୨୨।୭(ଡି.ଏନ.ଏ.)**

ଇଜ୍ରାଏଲର ଏନ୍‌ଏସ୍‌ଓ କମ୍ପାନୀ ପକ୍ଷରୁ ନିର୍ମିତ ପେଗାସସ୍ ସ୍ପାଏୱେର କେବଳ ସରକାରୀ ଗୁଇନ୍ଦା ଏଜେନ୍ସି ଓ ସୁରକ୍ଷା ଏଜେନ୍ସି, ଆତଙ୍କବାଦ ଓ ଅପରାଧ ନିୟନ୍ତ୍ରଣ ପାଇଁ ନିର୍ମିତ ହୋଇଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପ୍ରଭାବିତ ହୋଇ ବିଶିଷ୍ଟ ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଫୋନ ହ୍ୟାକ୍ କରି ଗୁପ୍ତ ତଥ୍ୟ ସଂଗ୍ରହକୁ ଅଖିଳ ଭାରତୀୟ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ଓ ସିଆଇଟିୟୁ ପକ୍ଷରୁ ବିରୋଧ କରାଯାଇଛି। ଗୁରୁବାର ଏହି ମର୍ମରେ ଗୋପବନ୍ଧୁ ଛକଠାରେ ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭା ଆୟୋଜିତ ହୋଇଥିଲା। ଏହି ସଭାରେ ସିଆଇଟିୟୁର ରାଜ୍ୟ ଉପସଭାପତି ପ୍ରଫୁଲ୍ଲ ନାୟକ, ଏଆଇୟୁଡବ୍ଲୁସିର ରାଜ୍ୟ ସଂଯୋଜକ ବିଜୟ କୁମାର ବୋଇତାଇ, ଜିଲା ଅଧ୍ୟକ୍ଷ ଚନ୍ଦ୍ରକାନ୍ତ ଖଣ୍ଡାଇ, ଜିଲା ସଂଯୋଜକ ପରମାନନ୍ଦ ସେଠୀ, ବିଦ୍ୟାଧର ଜେନା, ନକୁଳ ପାଗଡ଼, ସିଆଇଟିୟୁର ମାଧବ ବେହେରା, ବେବିନା ଜେନା ପ୍ରମୁଖ କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଏହାସହ ଏନଏସଓ ଦ୍ୱାରା ନିର୍ମିତ ସ୍ପାଏୱେରର ଦୁରୁପଯୋଗ ଘଟଣାରେ ସୁପ୍ରିମ କୋର୍ଟଙ୍କ ମୁଖ୍ୟଙ୍କୁ ନେଇ ଏକ ତଦନ୍ତ କମିଟି ଗଠନ କରାଯାଉ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହ ମନ୍ତ୍ରୀ ଅମିତ ସାହାଙ୍କୁ ତଦନ୍ତ ପରିସରଭୁକ୍ତ କରିବା ସହିତ ପେଗାସସ୍ ସଂସ୍ଥାର ମୁଖ୍ୟଙ୍କୁ ଗିରଫ କରିବାକୁ ଦାବି ହୋଇଛି।

# ମହାନଦୀରେ ଆନ୍ତଃ ଜିଲା ଜଳାଶୟ

**କେନ୍ଦ୍ରାପଡ଼ା ଅଫିସ/ କୁଜଙ୍ଗ/ ଡେରାବିଶ,୨୨।୭ (ଡି.ଏନ.ଏ./ସ୍ୱ.ପ୍ର.)**


କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ଭର୍ଚୁଆଲରେ ଯୋଗଦେଇଥିବା ବିଧାୟକ ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଜିଲାର କୁଜଙ୍ଗଠାରେ ମହାନଦୀର ସନ୍ତରାରେ ଏକ ଆନ୍ତଃ ଜିଲା ଜଳାଶୟ ନିର୍ମାଣ ହେବ। ଏହା ଦ୍ୱାରା କଟକ, କେନ୍ଦ୍ରାପଡ଼ା ଜିଲାର ଚାଷୀ ଓ ଅନ୍ୟମାନେ ଉପକୃତ ହେବେ । ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭିଡିଓ କନଫେରେସିଂ ରାଜ୍ୟର ୫ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ସହ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଓ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଜିଲାପାଳ ଅମୃତ ଋତୁରାଜ କହିଛନ୍ତି, ଏହି ପ୍ରକଳ୍ପଟି ମହାନଦୀରୁ ଜଳ ଗ୍ରହଣ କରିବ। ଏଥିପାଇଁ ପ୍ରାୟ ୫୬୦ କୋଟି ଟଙ୍କା ବ୍ୟୟ ହେବ। ପ୍ରକଳ୍ପରୁ ପାନୀୟ ଜଳ ସହିତ କ୍ଷେତକୁ ଜଳସେଚନ ପାଇଁ ସୁବିଧା ହେବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି କୁଜଙ୍ଗଠାରେ ଭିଡିଓ କନଫେରେସିଂରେ କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷ ସ୍ମୃତି ରଞ୍ଜନ ବେହେରା, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ତଥା ବାଲିକୁଦା ବିଧାୟକ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ତିର୍ତ୍ତୋଲ ବିଧାୟକ ବିଜୟ ଦାସ, ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ, ନିଶ୍ଚିନ୍ତକୋଇଲିଠାରେ କଟକ ଜିଲାରୁ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ଚନ୍ଦ୍ରସାରଥୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହାନଦୀର ପାରାଦୀପ ଇଫ୍‌କୋ ସାରକାରଖାନା ପାଖରୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବାହାକୁଦ ଘାଟକୁ ସଂଯୋଗ କରିବା ଲାଗି ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ସେତୁ ନିର୍ମାଣ ହେଲେ ଜଗତ୍‌ସିଂହପୁର ଜିଲା ସହ କେନ୍ଦ୍ରାପଡା, ଭଦ୍ରକ, ଯାଜପୁର ଜିଲାକୁ ଯୋଗାଯୋଗ ସୁଗମ ହୋଇପାରିବ। ସେହିପରି ଡେରାବିଶ ବ୍ଲକ ସଭାଗୃହରେ ଭିଡିଓ କନଫେରେସିଂରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ ଓ ଅନ୍ୟମାନେ ଯୋଗ ଦେଇଥିଲେ।

# ବାଇକ୍ ସହ ବନ୍ଧୁକ ଜବତ, ୨ ଫେରାର

**ରାଜନଗର, ୨୨।୭(ଡି.ଏନ.ଏ.)**

ରାଜନଗର ଥାନା ଅଞ୍ଚଳରେ ମଦ ପିଇବା ଲାଗି ଲୋକଙ୍କୁ ଗାଳିଗୁଲଜ କରି ବନ୍ଧୁକ ଦେଖାଇ ଟଙ୍କା ମାଗିବା ଘଟଣା ରାଜନଗରରେ ଆଲୋଡନ ସୃଷ୍ଟି କରିଛି। ପୋଲିସ ୨ ଯୁବକ ବ୍ୟବହାର କରୁଥିବା ନମ୍ବର ବିହୀନ ବାଇକ୍ ଓ ବନ୍ଧୁକ ଜବତ କରିଥିଲେ ମଧ୍ୟ ସେମାନଙ୍କୁ ଗିରଫ କରିବାରେ ବିଫଳ ହୋଇଛନ୍ତି।

ପୋଲିସ ସୂଚନା ମୁତାବକ, ବୁଧବାର ସନ୍ଧ୍ୟା ୭ଟାରେ ରାଜପୁର ଗାଁର ସଚ୍ଚିଦାନନ୍ଦ ରାଉତ, ମହେଶ୍ୱର ସେଠୀ, ଅକ୍ଷୟ ସେଠୀ, ଶରତ ସ୍ୱାଇଁ, ଅଲେଖ ମଳିକ ପ୍ରମୁଖ ଗାଁର ସନ୍ତୋଷଙ୍କ ରାଶନ ଦୋକାନ ନିକଟରେ ବସିଥିଲେ। ଏହି ସମୟରେ ଚନ୍ଦନପୁର ଗାଁର କୁଳମଣି ନାଥ (୨୦) ଓ ତାଙ୍କର ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ସାଙ୍ଗ ଏକ ନମ୍ବର ବିହୀନ ବାଇକ୍‌ରେ ଆସି ଗାଳିଗୁଲଜ କରିବା ସହ ମଦ ପିଇବାକୁ ଟଙ୍କା ମାଗିଥିଲେ। ଏମାନେ ବିରୋଧ କରିବାରୁ ପକେଟରୁ ବନ୍ଧୁକ କାଢି ଗୁଳି କରିବାକୁ ଧମକାଇ ଥିଲେ। ସମସ୍ତେ ମିଶି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିବା ସମୟରେ ବନ୍ଧୁକ ତଳେ ଖସି ପଡିଥିଲା। ଏହାପରେ ଦୁଇଜଣ ଦ୍ରୁତଗତିରେ ବାଇକ୍ ନେଇ ପଳାଇ ଥିଲେ। ସଚ୍ଚିଦାନନ୍ଦ ରାଉତଙ୍କ ଅଭିଯୋଗ ଉପରେ ପୋଲିସ ମାମଲା ରୁଜୁ କରିବା ସହ ବନ୍ଧୁକ ଜବତ କରିଛି। ପୋଲିସ କୁଳମଣିଙ୍କ ଘରୁ ସେ ବ୍ୟବହାର କରୁଥିବା ନମ୍ବର ବିହୀନ ବାଇକ୍‌କୁ ଜବତ କରିଛି। କୁଳମଣି ଓ ତାଙ୍କ ସାଙ୍ଗଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି ବୋଲି ଆଇଆଇସି ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଜଗତ୍‌ସିଂହପୁର ଅଫିସ, ୨୨।୭**

### ବାଲି ବୋଝେଇ ଗାଡ଼ି ମାଲିକଙ୍କୁ ହଇରାଣ କରିବା ଅଭିଯୋଗ

ବାଲି ବୋଝେଇ ଗାଡ଼ି ମାଲିକ ଓ ଚାଳକଙ୍କୁ ଜାଣିଶୁଣି ହଇରାଣ କରାଯିବା ଅଭିଯୋଗ କରି ଜଗତ୍‌ସିଂହପୁର ସାମାଜିକକର୍ମୀ ବାସୁଦେବ ଗୁରୁବାର ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖରେ ଜଗତ୍‌ସିଂହପୁର ତହସିଲ ପକ୍ଷରୁ ୨ ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଥିଲା। ଟ୍ରାକ୍ଟର ଚାଳକ ବାଲି ପରିବହନ ପାଇଁ ଥିବା ୱାଇ ଫର୍ମ ଦେଖାଇଥିଲେ। କିନ୍ତୁ ଏଥିରେ ତ୍ରୁଟି ଥିବା ଦର୍ଶାଇ ଅତିରିକ୍ତ ତହସିଲଦାର ଏଥି ସହ ଅନ୍ୟ କାଗଜପତ୍ର ଜବତ କରିଥିଲେ। ତା'ପରେ ଗାଡି ଦ୍ୱୟକୁ ଜଗତ୍‌ସିଂହପୁର ଥାନାକୁ ହସ୍ତାନ୍ତର କରାଯାଇ ଜରିମାନା ସ୍ୱରୂପ ୫୦,୨୮୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଏଥିରେ ଟ୍ରାକ୍ଟର ଚାଳକ କିମ୍ବା ମାଲିକଙ୍କ କୌଣସି ଭୁଲ୍ ନ ଥିଲା। ତାଙ୍କ ଯୁକ୍ତି ହେଲା ସିପି-ମକୁନ୍ଦପୁରର ରୁଦ୍ର ପ୍ରସାଦ ଷଡ଼ଙ୍ଗୀଙ୍କ ୨ଟି ଟ୍ରାକ୍ଟର କଟକ ଜିଲା ନିଆଳି ତହସିଲ ଅନ୍ତର୍ଗତ ସିଠାଳୋ ଘାଟରୁ ବାଲି ଆଣି ଜଗତ୍‌ସିଂହପୁର ଅଭିମୁଖେ ଯାଉଥିଲା। ଗାଡି ଦୁଇଟିର କାଗଜପତ୍ର, ବାଲି ପରିବହନ ବାବଦ ୱାଇ ଫର୍ମ ଥିଲା। ଏଥିରେ ତାରିଖ ଓ କାଟିଥିବା ବ୍ୟକ୍ତିଙ୍କ ଦସ୍ତଖତ ମଧ୍ୟ ଥିଲା। କିନ୍ତୁ ଦସ୍ତଖତରେ ତାରିଖ ପଡ଼ି ନ ଥିଲା । ଏହାକୁ ତ୍ରୁଟି ଦର୍ଶାଇ ଜରିମାନା ଧାର୍ଯ୍ୟ କରାଯାଇଥିଲା। ଏନେଇ ପ୍ରତିବାଦ ହେବାରୁ ଜଗତ୍‌ସିଂହପୁର ତହସିଲଦାର ବାଲିଘାଟ ନିଲାମଧାରୀଙ୍କୁ ଡକାଇ ୨ ତହସିଲ କର୍ତ୍ତୃପକ୍ଷ ଆଲୋଚନା କରିଥିଲେ। ଶେଷରେ ଜରିମାନା ବାବଦ ରାଶି ପୈଠ ବ୍ୟବସ୍ଥା କରାଯାଇ ଟ୍ରାକ୍ଟର ମାଲିକଙ୍କ ପାଖକୁ ରସିଦ ପଠାଯାଇଥିଲା। ଜଗତ୍‌ସିଂହପୁର ଥାନାରୁ ଗାଡି ମୁକୁଳାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଗାଡି ମାଲିକ ଏହି ଟଙ୍କା ଦେଇ ନ ଥିବା ବେଳେ ଅର୍ଥ ରାଶି କିଏ ଭରିଲା ଏବଂ କାହିଁକି, ସେ ନେଇ ବାସୁଦେବ ପ୍ରଶ୍ନ ଉଠାଇଛନ୍ତି। ଗାଡି ମାଲିକ ମଧ୍ୟ ଅନୁରୂପ ମତ ଦେଇଛନ୍ତି। ଆନ୍ଦୋଳନ ସ୍ଥଳରେ ବାସୁଦେବଙ୍କ ସହ ରୁଦ୍ର ଓ ଅନ୍ୟ କେତେଜଣ ସାମିଲ ହୋଇଥିଲେ। ଅଭିଯୋଗକୁ ଜଗତ୍‌ସିଂହପୁର ତହସିଲଦାର ଖଣ୍ଡନ କରିବା ସହ ବେଆଇନ ବାଲି ଚାଲାଣକୁ କୌଣସି ପରିସ୍ଥିତିରେ ପ୍ରଶୟ ଦିଆଯିବ ନାହିଁ ବୋଲି କହିଛନ୍ତି।



ସାମାଜିକ କର୍ମୀ ତହସିଲ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି।

# ଅଲିମ୍ପିକରେ ଭାଗ ନେଇଥିବା କ୍ରୀଡ଼ାବିତଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

**ପାରାଦୀପ ୨୨।୭(ସ୍ୱ.ପ୍ର.)**



ପାରାଦୀପ ଫସ୍‌ଫେଟସ ଲିମିଟେଡ୍ (ପିପିଏଲ)ପକ୍ଷରୁ ଟୋକିଓ ଅଲିମ୍ପିକରେ ଭାଗ ନେଇଥିବା କ୍ରୀଡାବିତଙ୍କ ପାଇଁ ଗୁରୁବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି। ଚିୟର ଫର ଇଣ୍ଡିଆ ନାମରେ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ଡିଏଭି ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଅଲିମ୍ପିକରେ ଭାଗ ନେଇଥିବା ଖେଳାଳିମାନଙ୍କ ମନୋବଳ ବଢାଇବାକୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏଥିରେ କମ୍ପାନୀର ପାରାଦୀପ ମୁଖ୍ୟ ରଣଜିତ ସିଂ ଚୁଗ୍, ମାନ ବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ସ୍କୁଲ ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଚଟାଣରେ ପଡ଼ି ମୃତ୍ୟୁ ହୋଇଛି: ମମତା

**ଦଶରଥପୁର,୨୨।୭(ଡି.ଏନ.ଏ.)**

### ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜେଲ ଗଲେ ଭାଜପା ନେତ୍ରୀ

- ବ୍ୟବଚ୍ଛେଦ ରିପୋର୍ଟ ଉପରେ ସଭିଙ୍କ ନଜର

ସ୍ୱାମୀଙ୍କୁ ହତ୍ୟା ଅଭିଯୋଗରେ ଭାଜପା ନେତ୍ରୀ ମମତା କୁଅଁରଙ୍କୁ ମଙ୍ଗଳପୁର ପୋଲିସ ଗୁରବାର ଗିରଫ କରି କୋର୍ଟଚାଲାଣ କରିଛି। ଥାନାରେ ୨ ଦିନ ଅଟକ ଥିବା ମମତାଙ୍କୁ ପୋଲିସ ଜେରା କରିବା ପରେ ମମତା ସ୍ୱାମୀଙ୍କ ହତ୍ୟା ଘଟଣା ସମ୍ପର୍କରେ ପୋଲିସକୁ ବିଭିନ୍ନ ସୂଚନା ଦେଇଥିବା ଥାନା ଅଧିକାରୀ ଇଞ୍ଜାମାମୁଲ୍ ହକ୍ ପ୍ରକାଶ କରିଛନ୍ତି।

ମମତା ପୋଲିସକୁ କହିଛନ୍ତି, ପାରିବାରିକ କଳହକୁ କେନ୍ଦ୍ରକରି ଦମ୍ପତିଙ୍କ ମଧ୍ୟରେ ପ୍ରଥମେ ହାତାହାତି ହୋଇଥିଲା। ଏହାପରେ ମମତା ତାଙ୍କ ସ୍ୱାମୀ ସୁବାସ କୁଅଁର ଓରଫ (ଅଟଳ)ଙ୍କୁ ଏକ ଧକ୍କା ମାରିବାରୁ ଅଟଳ ତଳ ଚଟାଣରେ ପଡ଼ି ଯାଇଥିଲେ। ମୁଣ୍ଡ ମାଡ଼ ହୋଇଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ମମତା ପୋଲିସ୍‌କୁ ଦେଇଥିବା ବୟାନରେ ସ୍ୱୀକାର କରିଛନ୍ତି। ତେବେ ଅଟଳଙ୍କ ଶରୀରର କେବଳ ବେକ ଓ କାନ୍ଧରେ ନଖରେ ଗଭୀରଭାବେ ଖଣ୍ଡିଆଦାଗ ଥିଲା। ତେଣୁ ଅଟଳଙ୍କୁ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅନୁମାନ କରାଯାଉଛି। ଏହାଛଡ଼ା ଅଟଳଙ୍କୁ ପଡ଼ିଶାଲୋକେ ଚିକିତ୍ସା ଲାଗି ଘରଠାରୁ ୬୦୦ ମିଟର ଦୂର ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପାଇବି ମମତା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ଥିଲେ। ତେଣୁ ଏହା ଏକ ବିଧିବଦ୍ଧ ହତ୍ୟାକାଣ୍ଡ ବୋଲି ଚର୍ଚ୍ଚା ଚାଲିଛି।

ଅଟଳ ରହୁଥିବା ଭଡ଼ାଘରଟି ୩ ମହଲା ବିଶିଷ୍ଟ। ଉକ୍ତ ଘରେ ଏକାଧିକ ଭଡ଼ାଟିଆ ରହୁଥିବାବେଳେ ପ୍ରତ୍ୟେକଦିନ ମୁଖ୍ୟ ଫାଟକରେ ତାଲା ପଡ଼ିଥାଏ। କିନ୍ତୁ ସେଦିନ ତାଲା ପଡ଼ି ନ ଥିଲା। ତେଣୁ ହତ୍ୟାକାଣ୍ଡରେ ଅନ୍ୟକେହି ସମ୍ପୃକ୍ତ ରହି ଖସିଯାଇଥିବା ଅନୁମାନ କରାଯାଉଛି। ଅଟଳଙ୍କୁ ହତ୍ୟା ପରେ ଆତ୍ମହତ୍ୟା ରଙ୍ଗଦେବାକୁ ହତ୍ୟାକାରୀ ଚେଷ୍ଟା କରିଥିଲେ ସୁଦ୍ଧା ଅଟଳଙ୍କ ରୁମ୍‌ରୁ ଜୋର୍‌ରେ ଶବ୍ଦ ହୋଇଥିଲା। ତେଣୁ କୋଠରିକୁ ଲାଗି ଅନ୍ୟ ବଖରାରେ ରହୁଥିବା ଅଟଳଙ୍କ ଶାଳୀ ଏବଂ ଶାଶୁ ପହଞ୍ଚି କବାଟ ବାଡ଼ାଇବାପରେ ଅଟଳ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯିବାରୁ ହତ୍ୟାକାରୀ ଏହାକୁ ଅନ୍ୟରୂପ ଦେବାକୁ ସମୟ ପାଇ ନ ଥିବା ଶୁଣାଯାଇଛି। ଅନ୍ୟ ସହଯୋଗୀ ହତ୍ୟାକାରୀ କେହି ରାଜନୈତିକ ବ୍ୟକ୍ତି ନୁହନ୍ତି ତ ବୋଲି ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି। ଅଟଳଙ୍କ ତଳ ଚଟାଣରେ ଯଦି ମୁଣ୍ଡ ବାଡ଼େଇ ହୋଇ ମୃତ୍ୟୁହୋଇଛି ତେବେ ମୁଣ୍ଡର କୌଣସି ସ୍ଥାନରେ କ୍ଷତ ହୋଇ ନ ଥିବା ଡାକ୍ତର ଅଟଳଙ୍କୁ ପରୀକ୍ଷା ସମୟରେ ପ୍ରକାଶ କରିଥିଲେ। ଅଟଳଙ୍କ ବେକରେ ନଖ ଦ୍ୱାରା ଖଣ୍ଡିଆ ହୋଇଥିବା ଅନୁମାନକରି ପୋଲିସ ମମତାଙ୍କ ହାତ ନଖ ସାମ୍ପଲ୍ ନେଇ ପରୀକ୍ଷା ଲାଗି ଲ୍ୟାବ୍‌କୁ ପଠାଇଥିବା ଜଣାଯାଇଛି। ଅଟଳଙ୍କ ରୁମ୍‌ରୁ ପୋଲିସ ବହୁ ଆପତ୍ତି ଜନକ ସାମଗ୍ରୀ ଜବତ କରିଛି। ତେବେ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ରହସ୍ୟ ଲୋକଲୋଚନକୁ ଆସିବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ସୂଚନାଯୋଗ୍ୟ, ମଙ୍ଗଳପୁର ଥାନା ଅଧୀନ ଇଶମାଇଲପୁର ଗ୍ରାମର ଅଟଳ(୪୩)ଙ୍କୁ ତାଙ୍କ ସ୍ତ୍ରୀ ମମତା ହତ୍ୟା କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା। ପରେ ପୋଲିସ ମମତାଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ଉକ୍ତ ଘଟଣାକୁ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୬୫/୨୧)ରୁଜୁ କରି ତଦନ୍ତ ଚଳାଇଛି।

# ଗଡ଼ିନି ଯାତ୍ରୀବାହୀ ଟ୍ରେନ୍, ଚାଲିଛି ଟିକେଟ ହ୍ୟାକିଂ

**କେନ୍ଦ୍ରାପଡ଼ା ଅଫିସ, ୨୨।୭**



କେନ୍ଦ୍ରାପଡ଼ାରେ ଯାଇଥିବା ରେଳ ଧାରଣା।

- ପଣ୍ୟବାହୀ ରେଳ ଗଡ଼ିବାକୁ ବର୍ଷେ ପୂରିବ
- ଜିଲାରୁ ୪ ହ୍ୟାକର ଗିରଫ ହେଲେଣି
- ଯାତ୍ରୀବାହୀ ରେଳ ଗଡ଼ିବା ଦାବି ଜୋର ଧରିଲା

ହରିଦାସପୁର-ପାରାଦୀପ ନୂଆ ବ୍ରଡଗେଜ ଲାଇନରେ ଭାୟା କେନ୍ଦ୍ରାପଡ଼ା ଜିଲା ମଧ ଦେଇ ୨୦୨୦ ଜୁଲାଇ ୨୪ରେ ପ୍ରଥମ ପଣ୍ୟବାହୀ ରେଳ ଗଡ଼ିଥିଲା। ଏହାକୁ ଇତିମଧ୍ୟରେ ବର୍ଷେ ପୂରିବାକୁ ବସିଛି। ଅଦ୍ୟାବଧି ଯାତ୍ରୀବାହୀ ରେଳ ଗଡ଼ିନାହିଁ। ତେବେ ଜିଲାର ୪ ଜଣ ରେଳପଥ ବିଭାଗର ଟିକେଟ ହ୍ୟାକିଂ ଅଭିଯୋଗରେ ଇତିମଧ୍ୟରେ ଗିରଫ ହୋଇଛନ୍ତି। କେନ୍ଦ୍ରରେ ଓଡ଼ିଶାର ସାଂସଦ ଅଶ୍ୱିନୀ ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଯାତ୍ରୀବାହୀ ଗାଡ଼ି ଚାଲିବ ବୋଲି ଜିଲାବାସୀଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ହ୍ୟାକରଙ୍କ ଗିରଫ ସମ୍ପର୍କରେ ପାରାଦୀପସ୍ଥିତ ରେଲୱେ ପ୍ରୋଟେକଶନ ଫୋର୍ସର ଇନ୍ସପେକ୍ଟର ପି.ଭି. ରମନ୍ନା ସୂଚନା ଦେଇଛନ୍ତି, ବୁଧବାର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ତନ୍ତିଆପାଳସ୍ଥିତ ବାବର ଅଞ୍ଚଳର ଜେରକ୍ସ ଦୋକାନୀ ପବିତ୍ର ଦାସଙ୍କୁ ରେଲୱେ ସଫ୍ଟୱେର ହ୍ୟାକିଂ କରି ଟିକେଟ ବିକ୍ରି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ଏହାପୂର୍ବରୁ ଏହିପରି ଘଟଣା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଞ୍ଚଳରେ ଦେଖିବାକୁ ମିଳିଥିଲା। ଥାନା ଅଞ୍ଚଳର ଜ୍ୟୋତିରଞ୍ଜନ ସାହୁ, ବିକ୍ରମ ମଲ୍ଲିକ, ଆକ୍ରମ ଖାନ୍‌ଙ୍କୁ ଗିରଫ କରାଯାଇଛି। ଏହି ହ୍ୟାକରମାନେ ଇଣ୍ଡିଆନ ରେଲୱେ କ୍ୟାଟରିଂ ଆଣ୍ଡ ଟ୍ୟୁରିଜମ୍ କର୍ପୋରେଶନ (ଆଇଆରସିଟିସି) ଓ ବ୍ୟାଙ୍କ ସିକ୍ୟୁରିଟିକୁ ବେଆଇନ ଭାବେ ହ୍ୟାକ୍ କରି ଲୋକଙ୍କୁ ତତ୍କାଳ ଟିକେଟ ବିକ୍ରି କରୁଛନ୍ତି। ଏଥିରେ ଏକ ପାକିସ୍ତାନୀ ସଫ୍ଟୱେର ବ୍ୟବହାର ହେଉଥିବା ଜଣାପଡୁଛି। କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ଏପରି ଘଟଣା ଦେଖିବାକୁ ମିଳିଥିଲା। ଏପରି କି ବାବରରୁ ଗିରଫ ହୋଇଥିବା ଦାଶଙ୍କ ଘର ମଧ୍ୟ ଏହି ଥାନା ଅଞ୍ଚଳରେ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷରେ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଗଡ଼ିବାକୁ ନେଇ ଉତ୍କଣ୍ଠା ବଢ଼ିଯାଇଛି।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇର ଉମାକାନ୍ତ ବିଶ୍ୱାଳ କହିଛନ୍ତି, ୧୯୯୬-୯୭ ଆର୍ଥିକ ବର୍ଷରେ ଏହି ରେଳ ଲାଇନ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ଏହାର ପ୍ରାୟ ୨୩ ବର୍ଷ ପରେ ଜିଲା ମଧ ଦେଇ ପଣ୍ୟବାହୀ ରେଳ ଗଡୁଥିଲେ ମଧ୍ୟ ଅଦ୍ୟାବଧି ଯାତ୍ରୀବାହୀ ରେଳ ଗଡ଼ିପାରିନାହିଁ। କେନ୍ଦ୍ର ସରକାରଙ୍କ କ୍ୟାବିନେଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖିଲେ ଜିଲାରେ ପ୍ରଥମ ଥର ପାଇଁ ଯାତ୍ରୀବାହୀ ରେଳ ଚଳାଚଳ ଶୀଘ୍ର ହେବ ବୋଲି ଆଶାବାଦୀ ଅଛି ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ମହାକାଳପଡ଼ାର ସୁନୀଲ କୁମାର ଗନ୍ତାୟତ କହିଛନ୍ତି, ୨୦୨୦ରେ କରୋନା ସଂକ୍ରମଣ ଆରମ୍ଭ ପରେ ଜିଲାକୁ ପ୍ରାୟ ୩ ଲକ୍ଷ ପ୍ରବାସୀ ଫେରିଥିଲେ। ସେମାନଙ୍କ ଯାତ୍ରାପଥର କଷ୍ଟ ସମ୍ପର୍କରେ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ହୋଇଥିଲା। ଜିଲାରୁ ଏତେ ସଂଖ୍ୟକ କର୍ମଜୀବୀ ବାହାରକୁ ଯାଉଥିବା ବେଳେ ଜିଲାରୁ ଯାତ୍ରୀବାହୀ ରେଳ ଗଡ଼ିବା ଅଦ୍ୟାବଧି ସମ୍ଭବ ହୋଇନାହିଁ। ଜିଲାର କର୍ମଜୀବୀ ରେଳରେ ଚଢ଼ି ବାହାରକୁ ଯିବାକୁ ହେଲେ ନିକଟସ୍ଥ ପାରାଦୀପ, କଟକ ଅଥବା ହରିଦାସପୁର ରେଳ ଷ୍ଟେଶନକୁ ଯିବାକୁ ପଡୁଛି। ତୁରନ୍ତ କେନ୍ଦ୍ରାପଡ଼ା ଜିଲାରେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ମହାକାଳପଡ଼ା ୟୁଥ୍ ଗ୍ରୁପର ସଭାପତି ଭାବେ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ପୂର୍ବତଟ ରେଳପଥର ପିଆରଓ ନିରାକାର ଦାସଙ୍କୁ ପଚାରିବାରେ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ସମସ୍ତ ପ୍ରସ୍ତୁତି ସରିନାହିଁ। ଷ୍ଟେଶନ ଓ ସିଗ୍‌ନାଲ ସିଷ୍ଟମକୁ ଭଲ ଭାବେ ପରୀକ୍ଷା ପରେ ଟ୍ରେନ ଚଳାଚଳ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୩ ଜୁଲାଇ, ୨୦୨୧



## ସଂକ୍ଷେପରେ

### ଦେଶୀ ବନ୍ଧୁକ ସହ ୨୦ କେଜି ଗଞ୍ଜେଇ ଜବତ, ଜଣେ ଅଟକ

**ନୟାଗଡ଼ ଅଫିସ,୨୨।୭:** ନୟାଗଡ଼ ଜିଲା ଶରଣକୁଳ ଥାନା ପୋଲିସ ଦେଶୀ ବନ୍ଧୁକ ସହ ୨୦ କେଜି ୬୦୦ ଗ୍ରାମ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଧୁଷୁମା ଗାଁର ରାଜେଶ ବେହେରା(୨୬)ଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୯୪/୨୧) ରୁଜୁ ହୋଇଛି । ପୋଲିସ ସୂଚନା ଅନୁସାରେ ଧୁଷୁମା ଗାଁର ରାଜେଶ ବେହେରା ଗଞ୍ଜେଇ ଧରି ଧୁଷୁମା ଛକରେ କାହାକୁ ଅପେକ୍ଷା କରିଥିଲେ । ସେ ନିଜର ସୁରକ୍ଷା ପାଇଁ ଏକ ଦେଶୀ ବନ୍ଧୁକ ପାଖରେ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ଗୁରୁବାର ପୂର୍ବାହ୍ନ ୧୦ଟାରେ ଚଢ଼ାଉ କରି ଗଞ୍ଜେଇ ଓ ଦେଶୀ ବନ୍ଧୁକ ଜବତ କରିବା ସହ ରାଜେଶଙ୍କୁ ନିଜ ହେପାଜତକୁ ନେଇଛି ।

### ଅଟୋ ଓଲଟି ଜଣେ ମୃତ, ୬ ଆହତ

**ରାମଗିରି, (ଡି.ଏନ.ଏ.):** ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଅମେଡ଼ା ପଞ୍ଚାୟତର କୁରୁମୁ ଗ୍ରାମର ଏକ ଅଟୋ (ନଂ. ଓଡି୦୭ଏକ୍ସ୦୨୪୩)ରେ ୭ ଜଣ ବସି ରାମଗିରି ଦେଇ ଛେଲିଗଡ଼ ଅଭିମୁଖେ ଯାଉଥିଲେ। ରାମଗିରି ଥାନା ଅଧୀନ ଦୁଧମାଠିଆ ନାଳ ନିକଟରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଆର.ଉଦୟଗିରି ବ୍ଲକ ବସ୍ତିଗୁଡ଼ା ପଞ୍ଚାୟତର ଗଣେଶ କାର୍ଜୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଖବର ପାଇ ରାମଗିରି ଥାନା ଅଧିକାରୀ ଡ. ବିକାଶ ସେଠୀ ଓ ଅନ୍ୟମାନେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛନ୍ତି। ଏନେଇ ନଂ.୩୨/୨୧ରେ ମାମଲା ରୁଜୁ କରି ଅଟୋ ଚାଳକଙ୍କୁ ଅଟକ ରଖିଛି ପୋଲିସ।

### କଳିଙ୍ଗା ଘାଟିରେ ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ଭଞ୍ଜନଗର,୨୨।୭(ଡି.ଏନ.ଏ):** ଗଞ୍ଜାମ-କନ୍ଧମାଳ ସୀମାରେ ଥିବା କଳିଙ୍ଗା ଘାଟିରେ ବୁଧବାର ବିଳମ୍ବିତ ରାତିରେ ଡକାୟତି ଯୋଜନା ଚାଲିଥିବା ବେଳେ ପୋଲିସ ତାହାକୁ ପଣ୍ଡ କରିଛି। ସେଠାରୁ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କେବିରିବରପୁରର କାଳିଆ ସ୍ୱାଇଁ, ଖେଟାପଲ୍ଲୀର ହରି ନାଇକ, ଶଙ୍କର ନାଇକ, ଭେଜିପୁଟ ଗୋଲାସାହିର ଶିବ ଜେନା ଓ କଇଣ୍ଡିର ଅରୁଣ ସ୍ୱାଇଁ। ସମ୍ପୃକ୍ତ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ଭଞ୍ଜନଗର ଥାନା ଏସ୍ଆଇ ମନସ୍ୱିନୀ ମହାନ୍ତି ଏହି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ସେମାନଙ୍କଠାରୁ ଲଙ୍କାଗୁଣ୍ଡ ୧ ପ୍ୟାକେଟ, ଖାଲି ମଦ ବୋତଲ, ବୋମା ୩ଟି, ୨ଟି ଖଣ୍ଡା, ୩ଟି ବାଇକ୍ ଜବତ କରାଯାଇଥିବା ଥାନା ଅଧିକାରୀ ସୁଦୀପ୍ତ ସାହୁ କହିଛନ୍ତି। ଏହି ଘଟଣାରେ ଆଉ କେତେଜଣ ସମ୍ପୃକ୍ତ ଥିବା ପୋଲିସ ଅନୁମାନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏସ୍ଆଇ ସମିର ବେହେରା ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି ।

# ଆଷାଢ଼ ପୂର୍ଣ୍ଣିମାରେ ହେବନି ପ୍ରସିଦ୍ଧ କଣ୍ଢେଇ ଯାତ୍ରା

**ବ୍ରହ୍ମପୁର ଅଫିସ,୨୨।୭**



ଦିନକ ପରେ ଶନିବାର ଆଷାଢ଼ (ଗୁରୁ-ବ୍ୟାସ) ପୂର୍ଣ୍ଣିମା। ଏହି ତିଥିରେ ବ୍ରହ୍ମପୁର ବଡ଼ ବଜାର ନିକଟ ଖାସ୍ବା ସାହିରେ କେଉଁ ଆବହମାନ କାଳରୁ ଅନୁଷ୍ଠିତ ହୋଇଥାଏ ମହୁରୀ ପ୍ରସିଦ୍ଧ କଣ୍ଢେଇ ଯାତ୍ରା। ତେବେ କରୋନା ମହାମାରୀ ଯୋଗୁ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜନଗହଳି ଉପରେ କଡ଼ା କଟକଣା ବଳବତ୍ତର ରହିଛି। ତେଣୁ ମଠ, ମନ୍ଦିର, ଶିକ୍ଷାନୁଷ୍ଠାନ, ଚର୍ଚ୍ଚ, ମସ୍ଜିଦ ଆଦି ଧର୍ମାନୁଷ୍ଠାନଗୁଡ଼ିକ ବନ୍ଦ କରାଯାଇଛି। ୨୦୨୦ ମାର୍ଚ୍ଚ ୧୫ରୁ ବ୍ରହ୍ମପୁର ସମେତ ସମଗ୍ର ଗଞ୍ଜାମ ଜିଲାରେ ଲକ୍ଡାଉନ ଓ ଶଟ୍ଡାଉନ କରାଯାଇଥିଲା। ଫଳରେ ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀ ଯାତ୍ରା କେବଳ ନୀତିକାନ୍ତି ମଧ୍ୟରେ ହୋଇଥିଲା। ରଥଯାତ୍ରା ବିଭିନ୍ନ ଜଗନ୍ନାଥ ମନ୍ଦିର ବେଢ଼ା ଭିତରେ କରାଗଲା। ମୁସଲମାନ ସମ୍ପ୍ରଦାୟର ପବିତ୍ର ଇଦ-ଉଜ୍-ଜୁହାରେ ସମସ୍ତେ ଘର ଭିତରେ ନମାଜ ପାଠ ସହ ବିଧି ପାଳନ କରିଥିଲେ।

ସୂଚନାଯୋଗ୍ୟ, ଶତାଧିକ ବର୍ଷ ତଳୁ ଖାସ୍ବା ସାହିରେ ହେଉଥିବା ପ୍ରସିଦ୍ଧ କଣ୍ଢେଇ ଯାତ୍ରା ଆଷାଢ଼ ପୂର୍ଣ୍ଣିମା ସନ୍ଧ୍ୟାରୁ ଆରମ୍ଭ ହୋଇ ପରଦିନ ସକାଳ ପର୍ଯ୍ୟନ୍ତ ଚାଲିଥାଏ। ଚିତ୍ରକରମାନଙ୍କ ଦ୍ୱାରା ନିର୍ମିତ ମାଟି କଣ୍ଢେଇ ବହୁଳ ଭାବରେ ବିକ୍ରି ହୁଏ। ଗତ କିଛି ବର୍ଷ ହେବ ପ୍ଲାଷ୍ଟିକ, କାଠ ଓ ଅନ୍ୟ ପଦାର୍ଥରେ ତିଆରି କଣ୍ଢେଇ ମଧ୍ୟ ଯାତ୍ରାରେ ବିକ୍ରି କରାଯାଉଥିଲା। ମୁଖ୍ୟତଃ ମହିଳାମାନେ ପିଲାମାନଙ୍କୁ ସାଥିରେ ଆଣି ଯାତ୍ରା ଉପଭୋଗ ସାଙ୍ଗକୁ କଣ୍ଢେଇ କିଣି ଘରକୁ ନେଇଥାନ୍ତି। ମହୁରୀ ରାଜ ପରିବାରର ପୂର୍ବ ବଂଶଧରଙ୍କ ଅମଳରେ କଣ୍ଢେଇ ଯାତ୍ରା ଆରମ୍ଭ ହୋଇଥିବା ପୁରୁଣାକାଳିଆ ଲୋକଙ୍କଠାରୁ ଜଣାପଡ଼ିଛି।

# କିଷାନ ସେବା କାର୍ଡ ଦେଇ ୨୦ ହଜାର ଠକେଇ

**ନୟାଗଡ଼ ଅଫିସ,୨୨।୭**

ନୟାଗଡ଼ ସଦର ଥାନା ଶିମିଳିସାହିରେ କିଷାନ ସେବା କାର୍ଡ ଦେଇ ୧୦୦ରୁ ଊର୍ଦ୍ଧ୍ୱ କାର୍ଡଧାରୀଙ୍କଠାରୁ ୨୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଛି । ଏନେଇ ସଦର ଥାନାରେ ଶିମିଳିସାହିର ଗୋପାଳ କୃଷ୍ଣ ଜେନା ଓ ଅନ୍ୟ ଲୋକମାନେ ଅଭିଯୋଗ ପରେ ଏହି ଘଟଣା ଲୋକ ଲୋଚନକୁ ଆସିଛି। ଅଭିଯୋଗ ଅନୁସାରେ କିଷାନ ସେବା କାର୍ଡ କଲେ ମଣ୍ଡିରେ ଧାନ ବିକ୍ରି କରି ପାରିବେ। କୃଷିକ ଯନ୍ତ୍ରାଂଶ ୫୦ ପ୍ରତିଶତ ରିହାତିରେ ମିଳିବ । ବର୍ଷକୁ ୬ ହଜାର ଟଙ୍କା ଆକାଉଣ୍ଟକୁ ଆସିବ। ବାର୍ଦ୍ଧକ୍ୟ ଅବସ୍ଥାରେ ୩ ହଜାର ଟଙ୍କା ପେନ୍ସନ ମିଳିବ । ଏହି ଲୋଭନୀୟ ସୁବିଧା ସୁଯୋଗ ଦେଖି ୧ଶହରୁ ଊର୍ଦ୍ଧ୍ୱ ଚାଷୀ ମୁଣ୍ଡପିଛା ୨୦୦ ଟଙ୍କା ଦେଇ ଉକ୍ତ କାର୍ଡ କରିଥିଲେ । ହେଲେ ସେହି କାର୍ଡରେ କୌଣସି ସେବା ନ ମିଳିବାରୁ ଥାନାରେ ଅଭିଯୋଗ ହୋଇଛି ।

# ଲକ୍ଷ୍ମୀ ନାରାୟଣ ଭେଟ



ଖଣ୍ଡପଡ଼ାରେ ଲକ୍ଷ୍ମୀ ନାରାୟଣ ଭେଟ ଉତ୍ସବ।

**ଖଣ୍ଡପଡ଼ା,୨୨।୭ (ସ୍ୱ.ପ୍ର.)**

ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିରରେ ଗତ ୩ଦିନ ଧରି ଖଣ୍ଡପଡ଼ା ରାଜ ପରିବାର ଦ୍ୱାରା ଅନୁଷ୍ଠିତ ବାହୁଡା ଯାତ୍ରା ଗୁରୁବାର ଶେଷ ହୋଇଛି । ଏହି ଅବସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଲକ୍ଷ୍ମୀ ନାରାୟଣଙ୍କ ଭେଟ ଅନୁଷ୍ଠିତ ହୋଇଥିଲା। ଏକ ସୁସଜ୍ଜିତ ବିମାନରେ ମା'ଲକ୍ଷ୍ମୀ ରଥ ଚାରିପାଖେ ପରିକ୍ରମା କରିବା ପରେ ମଙ୍ଗଳ ଆଳତୀ ହୋଇଥିଲା । ଶ୍ରଦ୍ଧାଳୁମାନେ ମନ୍ଦିର ବେଢାରେ ଉପସ୍ଥିତ ରହି ଲକ୍ଷ୍ମୀ ନାରାୟଣ ଭେଟକୁ ଦର୍ଶନ କରିଥିଲେ । ସନ୍ଧ୍ୟାରେ ରଥାରୁଢ ବିଗ୍ରହଙ୍କ ନିକଟରେ ଅଧରପଣା ଲାଗି କରାଯାଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି ନୀତିକାନ୍ତି ସମୟରେ ରାଜପରିବାର ସଦସ୍ୟ ଯୁବରାଜ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ଓ ତାଙ୍କ ପୁଅ ଜୟବର୍ଦ୍ଧନ ଉପସ୍ଥିତ ଥିଲେ।

# ମହିଳା ମଣ୍ଡଳ ପକ୍ଷରୁ କୃଷ୍ଣଲୀଳା ଚର୍ଚ୍ଚା

**ଖଣ୍ଡପଡ଼ା,୨୧।୭ (ସ୍ୱ.ପ୍ର.)**

ଭାପୁର ବ୍ଲକ୍ ପଥରଚକଡା ପଞ୍ଚାୟତ ମା'ନାରାୟଣୀଙ୍କ ପୀଠରେ ବାହୁଡ଼ା ଅବସରରେ କୃଷ୍ଣଲୀଳା ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ପଥରଚକଡା ମା'ନାରାୟଣୀ ମହିଳା ମଣ୍ଡଳ ପକ୍ଷରୁ ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦ଜଣ ସଦସ୍ୟା ଯୋଗଦେଇଥିଲେ । ମହିଳା ମଣ୍ଡଳର ସଦସ୍ୟାମାନେ ବର୍ଷର ବିଭିନ୍ନ ସମୟରେ ଏକାଠି ହୋଇ ଶ୍ରୀକୃଷ୍ଣଙ୍କ ଲୀଳା ତଥା ରାଧାକୃଷ୍ଣଙ୍କ ରାସକ୍ରୀଡା ସମ୍ପର୍କରେ ଚର୍ଚ୍ଚା କରିଥାନ୍ତି ।

ଏ ପରିପ୍ରେକ୍ଷୀରେ ବୁଧବାର ମହିଳାମାନେ ପ୍ରଥମେ ଶ୍ରୀକୃଷ୍ଣଙ୍କ ପ୍ରତିମା ସ୍ଥାପନ କରିଥିଲେ । ପରେ ଟହଲିଆଙ୍କୁ ଫୁଲ ଚନ୍ଦନ ଦେଇ ସମ୍ମାନିତ କରିବା ପରେ ମହିଳାମାନେ କୃଷ୍ଣଙ୍କ ଲୀଳା ସମ୍ପର୍କରେ ଗୀତ ଓ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥିଲେ । ପୂର୍ବାହ୍ନ ୧୦ଟାରୁ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମ ଅପରାହ୍ନ ପ୍ରାୟ ସାଢେ ୫ଟା ପର୍ଯ୍ୟନ୍ତ ଚାଲିଥିଲା । ଠାକୁରଙ୍କ ପୂଜାର୍ଚ୍ଚନା ପରେ ସେଠାରେ ପ୍ରସ୍ତୁତ କରାଯାଇଥିବା ଖେଚୁଡ଼ିକୁ ସମସ୍ତଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ମହନ୍ତ ଧେଡିଆ ଡାଲୁଆ ଓ ଟହଲିଆ ଶରତ ବେହେରା ଓ ପ୍ରସନ୍ନ ରାଉତ ପରିଚାଳନା କରିଥିଲେ ।



କୃଷ୍ଣଲୀଳା ଚର୍ଚ୍ଚାରେ ସାମିଲ ହୋଇଥିବା ମହିଳାମାନେ ।

### ୨୦ ଲିଟର ଦେଶୀ ମଦ ଜବତ

**ନୟାଗଡ଼ ଅଫିସ,୨୨।୭**

ନୂଆଗାଁ ଥାନା ପୋଲିସ ବାଲଣ୍ଡା ଅଞ୍ଚଳରୁ ବାଇକ୍ ସହ ୨୦ ଲିଟର ଦେଶୀ ମଦ ଜବତ କରିଛି। ଏହି ଘଟଣାରେ ବକଳବନ୍ଧ ଗାଁର ରାଜ କିଶୋର ସ୍ୱାଇଁ(୪୫)ଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ରାଜ କିଶୋରଙ୍କୁ କୋର୍ଟ ଚାଲାଣ କରାଯିବ । ଏନେଇ ଥାନାରେ ଏକ ମାମଲା(ନଂ.୯୬/୨୧) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି ।

### ୨୬ରୁ ବିଜୁଳି କର୍ମଚାରୀ ସଂଘର ଗଣଧାରଣା

**ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବି**

**ବ୍ରହ୍ମପୁର ଅଫିସ,୨୨।୭**

ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଆସନ୍ତା ୨୬ ତାରିଖରେ ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ବିଜୁଳି କର୍ମଚାରୀ ସଂଘ ପକ୍ଷରୁ ଗଣଧାରଣା ଦିଆଯିବା ନେଇ ନିଷ୍ପତ୍ତି ହୋଇଛି। ସଂଘ ପକ୍ଷରୁ କୁହାଯାଇଛି, ୨୦୧୮ ଫେବୃୟାରୀ ୯ରେ ଗଣଧାରଣା ଦିଆଯାଇଥିଲା। ଏହାପରେ ସାଉଥ୍କୋ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନ୍ୟୂନ ୨୦୦ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ମିଳିଥିଲା। ବର୍ତ୍ତମାନ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଅନ୍ୟପଟେ ନୂତନ ଭାବେ ଦାୟିତ୍ୱ ନେଇଥିବା ଟାଟା ପାୱାର କର୍ମଚାରୀଙ୍କୁ ଛଟେଇ ପାଇଁ ମସୁଧା ଚଳାଇଥିବା ସଂଘ ଅଭିଯୋଗ କରିଛି। ସଂଘର ଅନ୍ୟାନ୍ୟ ଦାବି ଗୁଡ଼ିକ ମଧ୍ୟରେ ଅସ୍ଥାୟୀ ନିଯୁକ୍ତି ପ୍ରକ୍ରିୟା ବନ୍ଦ କରିବା, ଆଉଟ୍ସୋର୍ସିଂ କର୍ମଚାରୀଙ୍କୁ ଇନ୍ସୋର୍ସ କରିବା ଓ ସମାନ କାର୍ଯ୍ୟକୁ ସମାନ ଦରମା ପ୍ରଦାନ କରିବା ପାଇଁ ଦାବି ହୋଇଛି। ଏଣୁ ୨୬ ତାରିଖରେ ଟିପିଏସ୍ଓଡିଏଲ୍ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଗଣଧାରଣା ଦିଆଯିବ ବୋଲି ସଂଘ କାର୍ଯ୍ୟକାରୀ ସଭାପତି ପଞ୍ଚାନନ ଜେନା ସୂଚନା ଦେଇଛନ୍ତି।

# ଆନ୍ଦୋଳନ ଧମକ ଦେଲା ଟ୍ରେଡ ୟୁନିୟନ

**ନୟାଗଡ଼ ଅଫିସ,୨୨।୭**

ଟ୍ରେଡ ୟୁନିୟନର ବିଭିନ୍ନ ଦାବି ପୂରଣ କରିବାରେ ଜିଲା ଶ୍ରମ ଅଧିକାରୀ ଅସମର୍ଥ ପ୍ରକାଶ କରିବା ପରେ ଅଗଷ୍ଟ ୨ରେ ଟ୍ରେଡ ୟୁନିୟନ ପକ୍ଷରୁ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଛି। ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଧାରଣା ଚାଲିବ । ଜୁଲାଇ ୧୩ରେ ଜିଲା ଶ୍ରମ ଅଧିକାରୀଙ୍କ ସହ ୬୦ଟି ଟ୍ରେଡ ୟୁନିୟନ ନେତାଙ୍କ ସହ ଆଲୋଚନା ହୋଇଥିଲା । ହେଲେ ଜିଲା ଶ୍ରମ ଅଧିକାରୀ ଟ୍ରେଡ ୟୁନିୟନର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇ ପରେ ପ୍ରତାରଣା କରିବା ପରେ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ଶ୍ରୀକାନ୍ତ ପଟ୍ଟନାୟକ, ଜିଲା ନିର୍ମାଣ ଶ୍ରମିକ ମହାସଂଘ ସମ୍ପାଦକ ବାସୁଦେବ ମହାନ୍ତି ସୂଚନା ଦେଇଛନ୍ତି ।

# ଏସ୍ପିଙ୍କୁ ଫେରାଦ ହେଲେ ବାସନ୍ଦ ବୃଦ୍ଧ ଦମ୍ପତି

**ତଦନ୍ତ ପାଇଁ ଚିକିଟି ଏସ୍ଡିପିଓଙ୍କୁ ନିର୍ଦ୍ଦେଶ**

**ବ୍ରହ୍ମପୁର ଅଫିସ,୨୨।୭**

ନିଜ ଘର ଓ ଗାଁରୁ ବାସନ୍ଦ ହୋଇପଡ଼ିଥିବା ବୃଦ୍ଧ ଦମ୍ପତି ଗୁରୁବାର ବ୍ରହ୍ମପୁର ଏସ୍ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ବରିଷ୍ଠ ନାଗରିକ ଦମ୍ପତି ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ବଛପଲ୍ଲି ପଞ୍ଚାୟତ ବରପଲ୍ଲୀର ପ୍ରଭାକର ସ୍ୱାଇଁ ଓ ତାଙ୍କ ସ୍ତ୍ରୀ ଟୁନି। ଅଭିଯୋଗ ପ୍ରକାରେ ଆଜକୁ ୩ ମାସ ହେବ ତାଙ୍କ ୨ ପୁଅ ଓ ବୋହୂ ଖାଇବାକୁ ଦେଉନାହାନ୍ତି। ଏ ନେଇ ଦୁହେଁ ପୁଅଙ୍କୁ ଅଭିଯୋଗ କରିଥିଲେ। ଯାହାକୁ ନେଇ ପୁଅ ବୋହୂଙ୍କ ସହ ସେମାନଙ୍କର ଝଗଡ଼ା ହୋଇଥିଲା। ୨ ମାସ ତଳେ ଏହି କଥା ଗାଁ କୁଳ ସମାଜରେ ଆଲୋଚନା ହୋଇଥିଲା। ହେଲେ କୁଳ କମିଟି ତାଙ୍କ ପୁଅ ଓ ବୋହୂଙ୍କ ସପକ୍ଷରେ ରହିଥିଲେ। ଶେଷରେ କୁଳ ସମାଜ ଗାଁରୁ ଦମ୍ପତିଙ୍କୁ ବାସନ୍ଦ କରିଦେଇଥିଲେ। ଏପରିକି ସେମାନଙ୍କୁ ନିଆଁ ପାଣି ମଧ୍ୟ ମନା କରାଯାଇଥିଲା। ଆଜକୁ ୧୫ ଦିନ ତଳେ କମିଟି ସଦସ୍ୟମାନେ ତାଙ୍କଠାରୁ ୫୦୦୧ ଟଙ୍କା ଜରିମାନା ଆଦାୟ କରିଛନ୍ତି ବୋଲି ଟୁନି ଏସ୍ପିଙ୍କୁ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ସେହିପରି ପୁଅ ବୋହୂ ସେମାନଙ୍କୁ ଘରୁ ତଡ଼ିଦେବା ସହ ଜିନିଷପତ୍ର ଦାଣ୍ଡରେ ଫୋପାଡି ଦେଇଥିଲେ। ଏହି ବୃଦ୍ଧ ଦମ୍ପତି ବର୍ତ୍ତମାନ ବ୍ରହ୍ମପୁରକୁ ଆସି ଏକ ଭଡାଘରେ ରହୁଛନ୍ତି। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସେମାନେ ଏସ୍ପି ପିନାକ ମିଶ୍ରଙ୍କୁ ଅନୁରୋଧ କରିଥିଲେ। ଅସହାୟ ବୃଦ୍ଧ ଦମ୍ପତିଙ୍କ ଅଭିଯୋଗ ଶୁଣିବା ପରେ ଏସ୍ପି ମିଶ୍ର ଘଟଣାର ତଦନ୍ତ କରି ଦମ୍ପତିଙ୍କୁ ନ୍ୟାୟ ଦେବା ପାଇଁ ଚିକିଟି ଏସ୍ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କୋଭିଡ୍ ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ସାମିଲ ମହିଳାମାନେ ।

**ନୟାଗଡ଼ ଅଫିସ,୨୨।୭**

ନୟାଗଡ଼ ବ୍ଲକ ଗମ୍ଭାରୀଡିହି ପଞ୍ଚାୟତ ପକ୍ଷରୁ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦିବାକର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀ, ସହାୟିକା, ୱାର୍ଡ ସଭ୍ୟାସଭ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସାମିଲ ହୋଇଥିଲେ। ଏହି ଅବସରରେ ସେମାନେ ଲୋକମାନଙ୍କୁ ମାସ୍କ, ସାନିଟାଇଜର, ସାବୁନ ବାଣ୍ଟିଥିଲେ। ଅନ୍ୟପକ୍ଷେ କରୋନା ସମୟରେ କିପରି ନିଜେ ଓ ପରିବାରର ସଦସ୍ୟମାନେ ସଚେତନ ରହିବେ, କୋଭିଡ୍ ଟିକା ନେବେ ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଇଥିଲା ।

# ରୋଜଗାରିଆ ଝିଅର ଦୁଇ କିଡ୍ନୀ ନଷ୍ଟ

- ଚିକିତ୍ସା କରାଇ ପାରୁନାହାନ୍ତି ଚାଷୀ ପରିବାର
- ସହାୟତା ପ୍ରଦାନ ପାଇଁ ନିବେଦନ

**ନୟାଗଡ଼ ଅଫିସ,୨୨।୭**

ରୋଜଗାରିଆ ଝିଅର ଦୁଇ କିଡ୍ନୀ ନଷ୍ଟ ପରେ ଘରେ ଚୁଲି ଜଳୁନି । ଝିଅର କିଡ୍ନୀ ପ୍ରତିରୋପଣ ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଆବଶ୍ୟକ ଥିବାବେଳେ ଚାଷୀ ପରିବାର ଚିନ୍ତିତ ହୋଇ ପଡିଛନ୍ତି । ଏବେ କରୋନା କଟକଣା ଯୋଗୁ ଦୋକାନ ବଜାର ବନ୍ଦ ଅଛି । ବ୍ୟବସାୟ ନାହିଁ । ଚାଷରୁ ଯାହା ମିଳୁଛି ସେଥିରେ ପରିବାର ଚଳାଇବା ସମ୍ଭବ ହେଉନାହିଁ । କାହାକୁ ବି ଧାର କରଜ ମାଗିବାକୁ ମନ ଚାହୁଁନାହିଁ । ଏପରି ସ୍ଥିତିରେ ଝିଅର ଚିକିତ୍ସା କଥା ପରିବାର ପାଇଁ ବୋଝ ସଦୃଶ ହୋଇଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ରଣପୁର ବ୍ଲକ୍ ଗୋପାଳପୁର ପଞ୍ଚାୟତ କୃଷ୍ଣପୁର ଗାଁର ଶୁଭଶ୍ରୀ ସ୍ୱାଇଁ (୨୪) ଜଣେ ମେଧାବୀ ଛାତ୍ରୀ । ଝିଅର ଭଲ ପାଠ ପଢ଼ିବା ଦେଖି ଧାର କରଜ କରି ଓ ଜମି ବିକି ପାଠ ପଠାଇଥିଲେ ବାପା ସର୍ବେଶ୍ୱର। ପରେ ଝିଅକୁ ଷ୍ଟାଫ୍ ନର୍ସ ତାଲିମ ପାଇଁ ପଠାଇ ଥିଲେ । ତାଲିମ ପରେ ଶୁଭଶ୍ରୀ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରି ବାପା କରିଥିବା ଋଣକୁ ଧୀରେ ଧୀରେ ପରିଶୋଧ କରୁଥିଲେ । ଝିଅର ଏପରି ପଦକ୍ଷେପ ପରେ ତାଙ୍କ ପରିବାରକୁ ଖୁସି ଫେରୁଥିଲା । ହେଲେ ସେ ଖୁସି ବେଶି ଦିନ ରହିଲା ନାହିଁ। ଦିନେ ଶୁଭଶ୍ରୀ ଅସୁସ୍ଥ ଅନୁଭବ କରି ଘରକୁ ଫେରିଲେ । ଏହାକୁ ନେଇ ଚିନ୍ତିତ ହୋଇପଡିଲେ ପରିବାର ଲୋକେ । ଚାଲିଲା ଡାକ୍ତରମାନଙ୍କ ସହିତ ପରାମର୍ଶ । ଶେଷରେ ବିଭିନ୍ନ ପରୀକ୍ଷାରୁ ଜଣାପଡିଲା ତାଙ୍କର ଦୁଇ କିଡ୍ନୀ ନଷ୍ଟ ହୋଇଯାଇଛି । ଉଚ୍ଚ ଚିକିତ୍ସା ଆବଶ୍ୟକ । ଦରକାର ପଡ଼ିଲେ ତାଙ୍କ କିଡ୍ନୀ ପରିବର୍ତ୍ତନ କରିବାକୁ ପଡିବ । ଏଥିପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଦରକାର । ଏପରି ସ୍ଥିତିରେ ତାଙ୍କ ଚିକିତ୍ସା କେମିତି ହେବ ତାହା ଭାବି ମା'ବାପା ଭାଙ୍ଗି ପଡିଛନ୍ତି। ସରକାର ତଥା କୌଣସି ସହୃଦୟ ବ୍ୟକ୍ତି ତାଙ୍କ ଆକାଉଣ୍ଟ ନଂ.୩୫୭୨୯୮୧୦୩୫୧, ଆଇଏଫ୍ସି କୋଡ୍ ଏସ୍ବିଆଇଏନ୍୦୦୧୩୫୯୯ରେ ସହାୟତା ପ୍ରଦାନ କରିବାକୁ ତାଙ୍କ ପରିବାର ପକ୍ଷରୁ ନିବେଦନ କରାଯାଇଛି।



ଡାକ୍ତରଖାନାରେ ଚିକିତ୍ସାଧୀନ ଶୁଭଶ୍ରୀ ।

### ଅଟୋ ଓଲଟି ଜଣେ ମୃତ, ୬ ଆହତ

**ରାମଗିରି, (ଡି.ଏନ.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ଅମେଡ଼ା ପଞ୍ଚାୟତ କୁରୁମୁ ଗ୍ରାମର ଏକ ଅଟୋରେ ୭ ଜଣ ରାମଗିରି ଦେଇ ଛେଲିଗଡ଼ ଅଭିମୁଖେ ଯାଉଥିଲେ। ରାମଗିରି ଥାନା ଅଧୀନ ଦୁଧମାଠିଆ ନାଳ ନିକଟରେ ଅଟୋଟି ଓଲଟି ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ଆର.ଉଦୟଗିରି ବ୍ଲକ ବସ୍ତିଗୁଡ଼ା ପଞ୍ଚାୟତର ଗଣେଶ କାର୍ଜୀଙ୍କ ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି।

# ଜଳସେଚନ ସମସ୍ୟା ନେଇ ରାସ୍ତା ଅବରୋଧ

**ଛତ୍ରପୁର,୨୨।୭(ଡି.ଏନ୍.ଏ.)**

ଜମିକୁ ଜଳସେଚନ ସମସ୍ୟା ଓ ଅନ୍ୟାନ୍ୟ ଦାବି ନେଇ ଛତ୍ରପୁର ବ୍ଲକ ଚିକଲଖଣ୍ଡି ଗ୍ରାମର ବହୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବିପୁଲିଙ୍ଗିଠାରୁ ସାହେବ ଜେନାପଲ୍ଲୀ ପର୍ଯ୍ୟନ୍ତ ଜୟମଙ୍ଗଳ ନାଳ, ଭଲିଆପେଟା ମାଇନର କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଶଙ୍ଖ ବନ୍ଧର ପଙ୍କ ଓ ଅମରିଗଛ ପରିଷ୍କାର କରିବା ଦାବି ନେଇ ଚାଷୀମାନେ ଗୁରୁବାର ପୁରୁଣାପାଟଣା ଗ୍ରାମ ଛକ ନିକଟରେ ଛତ୍ରପୁରରୁ ବିପୁଲିଙ୍ଗି ଯିବାକୁ ଥିବା ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଧାରଣାରେ ବସିଥିଲେ । ଫଳରେ ଉକ୍ତ ରାସ୍ତାରେ ଯାତାୟାତ ଠପ ହୋଇଥିଲା । ପ୍ରାୟ ୮୦ ବର୍ଷ ହେଲା ନାଳ କାମ ସରିପାରିନି। ଗତବର୍ଷ ଚିକଲଖଣ୍ଡି ପଞ୍ଚାୟତର ପ୍ରାୟ ୧୦୦ ଏକର ଚାଷଜମି ମରୁଡି ହୋଇଥିଲା ବୋଲି ଚାଷୀ ପି. ଜଗଦୀଶ ରେଡ୍ଡୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଆନ୍ଦୋଳନ କରାଯାଇଥିବା ସେ କହିଥିଲେ। ଛତ୍ରପୁର ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ପରେ ଛତ୍ରପୁର ତହସିଲଦାର ନୀଳମାଧବ ଭୋଇ ଛତ୍ରପୁର ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ, ସବ ଇନ୍ସପେକ୍ଟର ସିଲୁ ଧଳଙ୍କ ଉପସ୍ଥିତରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତହସିଲ କାର୍ଯ୍ୟାଳୟ ପରିସରରେ ଜଳ ସେଚନ ବିଭାଗ ଅଧିକାରୀମାନଙ୍କୁ ନେଇ ଚାଷୀଙ୍କ ସମସ୍ୟା ଉପରେ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା। ପି.ଡାଲେୟା ରେଡ୍ଡୀ, ମନୋଜ କୁମାର ନାୟକ, ଡି. ତାରେଣେୟା, ଡି.କ୍ରିଷ୍ଣା ରେଡ୍ଡୀ, ଡି.ଦାମୋଦର ରେଡ୍ଡୀ, କେ.କବିରାଜ ପ୍ରମୁଖଙ୍କ ସମେତ ବହୁ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ।



ରାସ୍ତାରୋକୋ ଆନ୍ଦୋଳନ ଚାଲିଛି।

